Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr.T.R. Mohanty
Nodal Officer

**ସପ୍ତାହ –୩୩**

ନ.- ୭୪୨ (ଓଡିଆ ବୁଲେଟିନ)
ତାରିଖ-୧୪. ୦୮ . ୨୦୨୫

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରୁ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୩ ରୁ ୧୦ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୨ ରୁ ୩୪ ଡିଗ୍ରୀ ସେଲସିଅସ ଓ ୨୪ ରୁ ୨୭ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ବିଶେଷ ସୂଚନା

- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ଜଗତସିଂଘପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି ।
- ଯଦି ଜମିରେ ଧାନ ଗଛ ସଂଖ୍ୟା ୫୦% ରୁ ଅଧିକ ଥାଏ ତାହେଲେ ଘାସ ବଛା ବଛି କରି ଅନ୍ୟ ବୁଦା ରୁ ପିଲ ବାହାର କରି ଖେଳୁଆ ପଦ୍ଧତି ରେ ଗଛ ସଂଖ୍ୟା ବୃଦ୍ଧି କରିଦିଅନ୍ତୁ ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ, ଦହିଆ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ ଟି ଅଠାଲାଗିଥିବା ହଳଦିଆ ଯନ୍ତା କୁ ଜମିରେ ଲଗାନ୍ତୁ ।
- ବୁଣା ଧାନ ରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ -୩୦ ଦିନ ପରେ ବେଉଷଣ କରି ଦିଅନ୍ତୁ ।
- ଶସ୍ୟ ଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ହେଇଥିବା ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ ।
- ପାଣିପାଗର ପୂର୍ବାନୁମାନ ଅନୁସାରେ, ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ଅଧିକ ବେଗରେ ପବନ ବୋହିବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରଧ୍ୱନି ଶୁଣିବା ପରେ, ସମସ୍ତ କାର୍ଯ୍ୟ ବନ୍ଦକରି ସୁରକ୍ଷିତ ସ୍ଥାନକୁ ଯିବାକୁ ଓ ଉଚ୍ଚ ଗଛ, ବିଦ୍ୟୁତ୍ ଖୁଣ୍ଟି କିମ୍ବା ଅସ୍ଥାୟୀ ଛପର ତଳେ ଶରଣ ନ ନେବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ ଏବଂ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ । ଗୋଖାଦ୍ୟକୁ ସୁରକ୍ଷିତ ସ୍ଥାନ ରେ ସାଇତି ରଖନ୍ତୁ ଯେପରିକି ତାହା ଅଧିକ ବର୍ଷା ରେ ନଷ୍ଟ ନ ହୁଏ ।
- ଓଡ଼ିଶା ଉପକୂଳରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ସମୁଦ୍ରକୁ ପ୍ରବେଶ ନ କରିବାକୁ ମାଛଧରାଳି ମାନଙ୍କୁ ସତର୍କ କରାଯାଉଅଛି ।

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଧାନ | ପିଲ ବାହାରିବା ଅବସ୍ଥା | ❖ କାଣ୍ଡ ବିନ୍ଧା ପୋକ ପରିଚାଳନା<br>ପ୍ରାରମ୍ଭିକ ଅବସ୍ଥା ରେ ଧାନ ଫସଲ ରେ କାଣ୍ଡ ବିନ୍ଧା ପୋକ ର ପ୍ରଜାପତି ଦେଖାଦେଲେ ଏହାର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୮-କିଲୋଗ୍ରାମ କାରଟାପ ହାଇଡ୍ରୋକ୍ଲୋରାଇଡ ୪ଜି (Cartap hydrochloride 4G) ନାମକ ଦାନାଦାର କୀଟନାଶକ ଯାହାକି କାଲଡାନ ବା ନିଦାନ (Caldan ବା Nidan) ନାମରେ ମିଳୁଛି କିମ୍ବା ୪-କିଲୋଗ୍ରାମ କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ ଦାନାଦାର କୀଟନାଶକ ଯାହାକି ଫରଟେରା ବା ଏନଫ୍ୟୁଜ (Ferterra ବା Enfuse) ନାମରେ ମିଳୁଛି କିମ୍ବା ୬-କିଲୋଗ୍ରାମ ଇମିଡ଼ାକ୍ଲୋପ୍ରିଡ (Imidacloprid) ନାମକ ଦାନାଦାର କୀଟନାଶକ ଯାହାକି ଅଲଟିମେଟ (Ultimate) ନାମରେ ମିଳୁଛି, ସମାନ ଓଜନ ର ବାଲିସହ ମିଶାଇ ପ୍ରୟୋଗ କରନ୍ତୁ।<br>❖ ପତ୍ରମୋଡା ଓ ନଳୀ ପୋକ ପରିଚାଳନା<br>ମେଘୁଆ ପାଗ ଯୋଗୁଁ ଧାନ ଫସଲ ରେ ପତ୍ରମୋଡା ପୋକ ଏବଂ ନଳୀ ପୋକ ଲାଗିବା ର ସମ୍ଭାବନା ଅଛି । ବର୍ଷା ଛାଡ଼ିଗଲା ପରେ ରାସାୟନିକ ଉପାୟ ରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି ଫିପ୍ରୋନିଲ (Fipronil) ନାମକ କୀଟନାଶକ କିମ୍ବା ୪୦୦-ମିଲି ପ୍ରୋଫେନୋଫସ (Profenophos) ନାମକ କୀଟନାଶକ କିମ୍ବା ୬୦-ମିଲି କ୍ଲୋରାନଟ୍ରାନିପ୍ରୋଲ (Chlorantraniliprole) ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ହରଡ | ତରୁଣ ଅବସ୍ଥା | ❖ ଏହି ସପ୍ତାହ ଶେଷ ସୁଦ୍ଧା ହରଡରେ କୋଡ଼ା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ।<br>❖ ଫସଲରେ ରୋଗ ଓ ପୋକର ସଂକ୍ରମଣ କୁ ନିୟମିତ ନିରୀକ୍ଷଣ କରନ୍ତୁ । ବର୍ଷା ଛାଡ଼ିଗଲା ପରେ ଶୋଷକ କୀଟ ଯଥା ଜଉ ଓ ଉକୁଣିଆ ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦୦ ମିଲିଗ୍ରାମ ନିମ୍ବ ଆଧାରିତ କୀଟନାଶକ (୧୫୦୦ ପିପିଏମ୍) ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଚିନାବାଦାମ | ତରୁଣ ଅବସ୍ଥା | ❖ ଚିନାବାଦାମ ଫସଲରେ ବର୍ତମାନ କୋଡାଖୁସା କରି ଦିଅନ୍ତୁ ।<br>❖ ଟୀକା ରୋଗର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ୪୦୦ଗ୍ରାମ କ୍ଲୋରୋଥାଲୋନୀଲ (Chlorothalonil) କିମ୍ବା ୬୦୦ଗ୍ରାମ ମାଙ୍କୋଜେବ (Mancozeb) କିମ୍ବା ୩୦୦ମି.ଲି ହେକ୍ସାକୋନାଜୋଲ (Hexaconazole) ନାମକ ଫିମ୍ପିନାଶକ,ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ନାଲି ଶଢା ରୋଗ<br>ଶୁଖିଲା ପାଗ ଦେଖି ଆଖୁ ଫସଲ ରେ ନାଲି ଶଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି Carbendazim ୧୨%+ Mancozeb ୬୩ % WP @ ୪୦୦ଗ୍ରାମ କିମ୍ବା Metalaxyl ୮ % + Mancozeb ୬୪ % @ ୪୦୦ଗ୍ରାମ, ୨୦୦-ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ। |

| | | |
|---|---|---|
| ବାଇଗଣ | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଗଣ୍ଡି ଏବଂ ଫଳ ବିନ୍ଧା ପୋକ ର ପରିଚାଳନା<br>ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ବାଇଗଣ ଫସଲରେ ଯଦି ଶତକଡା ୪ ଭାଗ ଅଗ ଝାଉଂଳା ବ ଶତକଡା ୧୪ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଶୁଖିଲା ପାଗ ଦେଖି ଏହି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୭୫ ମିଲି Spinosad ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ନାମକ ଔଷଧ କିମ୍ବା ୨୦୦ ମିଲି ସ୍ୱାଇନେଟୋରାମ ନାମକ ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ କୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ୧୫ ଦିନ ଅନ୍ତରରେ ସିଂଚନ କରନ୍ତୁ। |
| ଲଙ୍କା | ତରୁଣ ଅବସ୍ଥା | ❖ ଘାସ ବାଛି ମୂଳ ସଫା ରଖନ୍ତୁ। ଅଧିକା ପାଣି ଗଛ ମୂଳରେ ରଖନ୍ତୁ ନାହିଁ ।<br>❖ ବର୍ଷା ଛାଡ଼ିଗଲା ପରେ ଉଙ୍କୁଣିଆ ପୋକ ର ନିୟନ୍ତ୍ରଣ ପାଇଁ Malathion କିମ୍ବା Imidachloprid @ 2 ml ସିଂଚନ କରନ୍ତୁ। ପତ୍ର ଦାଗ ର ନିୟନ୍ତ୍ରଣ ପାଇଁ carbendazim or Mancozeb @ 2-3 g/lt ପାଣିରେ ମିଶାଇ ସିଂଚନ କରନ୍ତୁ। |
| କଖାରୁଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି - ଫୁଲ ଓ ଫଳ ଧରିବା ଅବସ୍ଥା | ❖ ସାହେବୀ ରୋଗ<br>ବର୍ତମାନ ସମୟରେ କାକୁଡି ଓ କଖାରୁ ରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି । ବର୍ଷା ଛାଡ଼ିଗଲା ପରେ ଏହି ରୋଗ ର ନିୟନ୍ତ୍ରଣ ପାଇଁ Thiomethoxam @ ୮୦ ଗ୍ରାମ କିମ୍ବା Acetamiprid @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । |
| କଦଳୀ | ପୁଆ ରୋପଣ ଅବସ୍ଥା | ❖ କଦଳୀ ଗଛରେ ପାନାମା ଝାଉଂଳା ରୋଗ ନିୟନ୍ତ୍ରଣ କରିବା ପାଇଁ ରୋଗ ବିହୀନ ପୁଆ ଯଥା ବନ୍ତଳ, କାବୁଲି, ରୋବଷ୍ଟା, ଚମ୍ପା ଆଦି କିସମ ଚୟନ କରନ୍ତୁ। ପ୍ରତି ୧୦ ଲିଟର ପାଣିରେ ୧୦-ଗ୍ରାମ କାରବେନଡାଜିମ (Carbendazim) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ।<br>❖ ପୁଆ ରୋଇବାର ୫ମାସ ପରେ ପ୍ରତି ୨ମାସ ରେ ଥରେ ପ୍ରତି ୧୦ ଲିଟର ପାଣିରେ୧୦-ଗ୍ରାମ ହିସାବରେ Carbendazim (କରବେନଡାଜିମ ) ନାମକ ଫିମ୍ପିନାଶକ ମିଶାଇ ଏହି ଦ୍ରବଣ ଗଛ ମୂଳ ମାଟି କୁ ଭଲ ଭାବରେ ଭିଜାନ୍ତୁ। |
| ଗେଣ୍ଡୁ ଫୁଲ | ଲଗାଇବା ଅବସ୍ଥା | ❖ ଅଗଷ୍ଟ ମାସ ରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ । ଆଫ୍ରିକୀୟ ଗେଣ୍ଡୁ କିସମ ଗୁଡିକ ଯଥା –ଜାଏଣ୍ଟବଲ, ଆଫ୍ରିକାନ ଏଲୋ , ଏରଲି ଏଲୋ, ଏରଲି ଅରେଞ୍ଜ, ଜାଏଣ୍ଟବଲ ଆଫ୍ରିକାନ ଅରେଞ୍ଜ ଓ କ୍ରାଉନ ଓଫ ଗୋଲ୍ଡ ଇତ୍ୟାଦି । ଗଛ ଲଗାଇବା ପୂର୍ବ ରୁ ଏକର ପ୍ରତି ୨୦ ଟନ ଗୋବର ଖତ, ୪୦ କେଜି ଯବକ୍ଷାରଜାନ, ୮୦ କେଜି ଫସଫରସ ଓ ୮୦ କେଜି ପୋଟାସ ସାର ପ୍ରୟୋଗ କରନ୍ତୁ । ୨୫ ରୁ ୩୦ ଦିନ ତଳି ବା ଡାଲି କଲମି ଉପରବେଳା ରୁଅନ୍ତୁ । |
| ପଶୁ ସମ୍ପଦ | ❖ ବର୍ତମାନ ବର୍ଷା ଋତୁରେ ଦୁଧିଆଳୀ ଗାଈ ମାନଙ୍କୁ Mastitis ରୋଗ ହେବାର ସମ୍ଭାବନା ଅଛି ।<br>❖ ବର୍ଷା ଦିନେ ଗାଈ ଗୁହାଳ ଓଦା ଓ ଅପରିଷ୍କାର ରଖିଲେ ଏହି ରୋଗ ଅଧିକ ହେବାର ସମ୍ଭାବନା ରହିଛି । ଏହି ରୋଗ ହେବା ଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଥାଏ ।<br>❖ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରି ଉଚିତ ଟୀକାକରଣ କରାନ୍ତୁ । | |

| | |
|---|---|
| ମତ୍ସ୍ୟଚାଷ | ❖ fry ରୁ fingerling ବା ଅଙ୍ଗୁଳିକା ଯାଁଳ ପର୍ଯ୍ୟନ୍ତ ପହଂଚିବା ପାଇଁ ପ୍ରାୟ ୩ ମାସ ସମୟ ଲାଗିଥାଏ। ଏକ ଏକର ପୋଖରୀରେ ପ୍ରାୟ ୪୦,୦୦୦ fry ଛଡାଯାଇପାରିବ। ଏହି ଯାଁଳ ପାଇଁ ପୋଖରୀରେ ଥିବା ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ନୁହେଁ । ସେଥିପାଇଁ କୁଣ୍ଡା ଓ ବାଦାମ ପିଡିଆ ଗୁଣ୍ଡ କୁ ସମାନ ଅନୁପାତରେ ମିଶାଇ ଦିନକୁ ଦୁଇଥର ଖାଇବାକୁ ଦେବେ। ଯାଁଳ ଛାଡିବାର ୩ ମାସ ପରେ ସେମାନେ fry ରୁ ୮୦ ରୁ ୧୦୦ ମିମି ଲମ୍ବର ଅଙ୍ଗୁଳିକା ଯାଁଳରେ ପରିବର୍ତ୍ତନ ହୋଇଯିବେ । |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି
ଅଧ୍ୟକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ,କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

**ଭାରତୀୟପାଣିପାଗବିଭାଗରପୂର୍ବାନୁମାନଓପାଣିପାଗଭିତିକକୃଷିସୂଚନାନିମନ୍ତେଅଧିକବିବରଣୀପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)